ସମ୍ବାଦ
ମହାନଗର
୧୫ ମଙ୍ଗଳବାର, ୨୧ ଜୁଲାଇ ୨୦୧୫, ଭୁବନେଶ୍ୱର

## ନିଜ କ୍ୟାମ୍ପସ୍‌କୁ ଗଲା ଆଇଆଇଟି ଛାତ୍ରାବାସ

# ଆଇଟି କ୍ଷେତ୍ରରେ ଭାରତ ବିଶ୍ୱର ନେତୃତ୍ୱ ନେବ

ଭୁବନେଶ୍ୱର, ୨୦।୭ (ଇମିସ): ଆଇଟି କ୍ଷେତ୍ରରେ ଭାରତ ଖୁବ୍ ଶୀଘ୍ର ବିଶ୍ୱର ନେତୃତ୍ୱ ନେବ। କାରଣ ଏବେ ସମଗ୍ର ବିଶ୍ୱର ଯୁବଶକ୍ତିର ଏକ ବଡ଼ ଅଂଶ ଭାରତ ପାଖରେ ହିଁ ମହଜୁଦ୍ ରହିଛି। ଏହି ଯୁବ ମାନବସମ୍ବଳ ଭଳି ବଳିଷ୍ଠ ଶକ୍ତିର ସଦୁପଯୋଗ ହୋଇ ପାରିଲେ, ବର୍ତ୍ତମାନର ପ୍ରଗତିଶୀଳ ଭାରତୀୟ ଅର୍ଥନୀତି ଆହୁରି ସୁଦୃଢ଼ ହୋଇପାରିବ। ଆଜି ଭୁବନେଶ୍ୱର ଆଇଆଇଟିର ନିଜସ୍ୱ କ୍ୟାମ୍ପସ୍‌ରେ ଛାତ୍ରାବାସ ଓ କମ୍ୟୁନିଟି ହଲ୍ ଉଦ୍‌ଘାଟନ ଅବସରରେ ମୁଖ୍ୟ ଅତିଥି ତଥା ଅନୁଷ୍ଠାନର ବୋର୍ଡ ଅଫ୍ ଗଭର୍ଣ୍ଣରସ୍‌ର ଅଧ୍ୟକ୍ଷ ସୁଶୀଲ୍ କୁମାର ରୁଙ୍ଗଟା ଏହି ଆଶାପୋଷଣ କରିଛନ୍ତି।

ଏହି ଉତ୍ସବରେ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ ଦେଇ ଶ୍ରୀ ରୁଙ୍ଗଟା କହିଲେ ଯେ ବର୍ତ୍ତମାନ ଆମ ପାଖରେ ଅନ୍ତର୍ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ରହିଛି। ଆଇଆଇଟି, ଆଇଆଇଏମ୍ ଓ ସ୍ୱାସ୍ଥ୍ୟସେବା ପାଇଁ ଏମ୍ସ ଭଳି ଶିକ୍ଷାନୁଷ୍ଠାନ ରହିଛି। ମାତ୍ର ପରିତାପର କଥା ଏବେ ବି ଆମ ଦେଶର ସମସ୍ତ ଶିଶୁ ବିଦ୍ୟାଳୟ ବାରଣ୍ଡା ମାଡ଼ି ନ ପାରି ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ସେହିଭଳି ଦେଶର ସାଧାରଣ ଜନତା ଉନ୍ନତମାନର ସ୍ୱାସ୍ଥ୍ୟସେବା ପାଉନାହାନ୍ତି। ଅସନ୍ତୁଳିତ ଅର୍ଥନୀତି ହିଁ ଏହାର କାରଣ। ଏଭଳି ସମସ୍ୟାକୁ ଦୂର କରିବାକୁ ପଡ଼ିବ। ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇ ସେ କହିଲେ ଯେ କମ୍ପାନିମାନେ ସବୁବେଳେ ଠିକ୍ କାମ ପାଇଁ ଠିକ୍ ପ୍ରାର୍ଥୀ ଖୋଜିଥାଆନ୍ତି। ତେଣୁ ନିଜର ସୃଜନଶୀଳତା, ନୂତନତ୍ୱ ଓ ଦକ୍ଷତାକୁ ଅଧିକ ଶାଣିତ କରିବା ଜରୁରି। ବର୍ତ୍ତମାନ ସବୁଠାରୁ ଭଲ ସମୟ ଓ ଏହାର ସଦୁପଯୋଗ ଉପରେ ସେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ ପ୍ରଫେସର ଆର୍ ଭି ରାଜା କୁମାର ପ୍ରାରମ୍ଭିକ ସୂଚନା ଦେବା ସହ କ୍ୟାମ୍ପସକୁ ଜଳ ଓ ବିଦ୍ୟୁତ୍ ଯୋଗାଣ ସହ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଯୋଗାଇ ଦେବାରେ ରାଜ୍ୟ ସରକାରଙ୍କ ତ୍ୱରିତ୍ ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ।



ସୂଚନାଯୋଗ୍ୟ ଯେ ଆଜିଠାରୁ ଆନୁଷ୍ଠାନିକଭାବେ ଜଟଣୀ ଅରଗୁଳସ୍ଥିତ ନୂତନ କ୍ୟାମ୍ପସକୁ ଛାତ୍ରାବାସ ଉଠିଯାଇଛି। ୮୦୦ ଶଯ୍ୟାବିଶିଷ୍ଟ ମହାନଦୀ ରେସିଡେନ୍ସରେ ଛାତ୍ରାବାସ ଓ ୨୦୦ ଶଯ୍ୟାବିଶିଷ୍ଟ ସୁବର୍ଣ୍ଣରେଖା ରେସିଡେନ୍ସରେ ଛାତ୍ରୀନିବାସ ରହିଛି। ତେଣୁ ଏଠାରେ ୯୩୫ ଛାତ୍ରଛାତ୍ରୀମାନଙ୍କ ରହଣି ପାଇଁ କୌଣସି ବଡ଼ ସମସ୍ୟା ନାହିଁ। ଏଥିସହିତ ୪୦ଟି ଷ୍ଟାଫ୍ କ୍ୱାର୍ଟର୍ସ, ଗୋଟିଏ ଅତିଥିଭବନ, ମିନି ସପିଂ ମଲ୍, ଏଟିଏମ୍, କମ୍ୟୁନିଟି ହଲ୍ ଓ କ୍ୟାଣ୍ଟିନ୍ ମଧ୍ୟ ଏହି କ୍ୟାମ୍ପସରେ ରହିଛି। ପୂର୍ବରୁ ଏଠାରେ ଏକ ଫାଣ୍ଡି ପ୍ରତିଷ୍ଠା ହୋଇ ସାରିଥିବାବେଳେ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟସେବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। କେବଳ ଏକାଡେମିକ୍ ପରିସରକୁ ବାଦ୍ ଦେଲେ ଆଉ ଅନ୍ୟ ସମସ୍ତ ସୁବିଧା ଏବେ ଏହି ନୂତନ କ୍ୟାମ୍ପସରେ ଉପଲବ୍ଧ ହେଉଛି। କ୍ୟାମ୍ପସ୍‌ରେ ନିରପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ଓ ଜଣେ ପ୍ରଫେସରଙ୍କୁ କ୍ୟାମ୍ପସ୍ ଦାୟିତ୍ୱରେ ନିୟୋଜିତ କରାଯାଇଛି। ତେବେ ଭୁବନେଶ୍ୱର ସାମନ୍ତପୁରୀ ଓ ତୋଷାଳୀ ପ୍ଲାଜାରେ ଚାଲିଥିବା କ୍ଲାସରୁମ୍ ପ୍ରାୟ ଛଅ ମାସରୁ ବର୍ଷକ ଭିତରେ ଏହି କ୍ୟାମ୍ପସକୁ ଉଠି ଆସିବ ବୋଲି ଉଭୟ ନିର୍ଦ୍ଦେଶକ ଓ ବୋର୍ଡ ଅଫ୍ ଗଭର୍ଣ୍ଣରସ୍ ଅଧ୍ୟକ୍ଷ କହିଥିଲେ। ଶେଷରେ ଷ୍ଟୁଡେଣ୍ଟ ଆଫେୟାର୍ସ ଡିନ୍ ପ୍ରଫେସର ଏସ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

